ଭାରତ ସଂଘ ଏବଂ ଅନ୍ୟମାନେ

ବନାମ

ଜୋସେଫ ପି. ଚେରିଆନ

ସେପ୍ଟେମ୍ବର 26, 2005

[ଅରିଜିତ ପଶାୟତ ଏବଂ ସି. କେ. ଥାକର, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ପଦୋନ୍ନତି- ସୀମା ସୁରକ୍ଷା ବାହିନୀରେ, ଉପ-ନିରୀକ୍ଷକ ପଦବୀ- 1995 ରେ 24 ଟି ଖାଲି ପଦବୀ ନିମିତ୍ତ ବିଭାଗୀୟ ପରୀକ୍ଷା- ଅସତ ଉପାୟ ଅବଲମ୍ବନ ଆଧାରରେ ଫଳାଫଳ ବାତିଲ- 1998 ରେ 86 ଟି ଖାଲି ପଦବୀ ନିମିତ୍ତ ନୂତନ ବିଭାଗୀୟ ପରୀକ୍ଷା- 1998 ରେ ବାହାରିଥିବା ଖାଲି ପଦବୀ ସମ୍ବନ୍ଧିତ ପୂର୍ବ ପରୀକ୍ଷାରେ ତାଙ୍କ ଦ୍ୱାରା ପ୍ରାପ୍ତ ଅଙ୍କ ଆଧାରରେ ପଦବୀକୁ ପଦୋନ୍ନତି ପ୍ରଦାନ ପାଇଁ ଜନୈକ କର୍ମଚାରୀଙ୍କ ଆବେଦନ ଯଦିଓ ସେ ପରବର୍ତ୍ତୀ ପରୀକ୍ଷା ଦେଇନଥିଲେ- ମଞ୍ଜୁରୀ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା – ପୋଷଣୀୟତା- କୁହାଗଲା: ଯେତେବେଳେ ପୂର୍ବ ପରୀକ୍ଷାର ଫଳାଫଳ ମନ୍ଦ ଆଚରଣ ଆଧାରରେ ବାତିଲ କରାଯାଇଛି, ସେତେବେଳେ ପରବର୍ତ୍ତୀ ବର୍ଷରେ ବାହାରିଥିବା ଖାଲି ପଦବୀରେ, ଉକ୍ତ ପରୀକ୍ଷାରେ ତାଙ୍କ ଦ୍ୱାରା ପ୍ରାପ୍ତ ଅଙ୍କ ଆଧାରରେ ଏକକ ବ୍ୟକ୍ତିର ମାମଲା ବିଚାରକୁ ନିଆଯାଇପାରିବ ନାହିଁ, ତାହା ମଧ୍ୟ ଯେତେବେଳେ ସେ ନୂତନ ପରୀକ୍ଷାରେ ଉପସ୍ଥିତ ହୋଇନଥିଲେ- ତେଣୁ, ଏପରି ଆଶ୍ୱସ୍ତି ପ୍ରଦାନ କରିବା ପୋଷଣୀୟ ନୁହେଁ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରାଯାଇଛି ।*

**1995 ମସିହାରେ ସୀମା ସୁରକ୍ଷା ବାହିନୀରେ ଉପ-ନିରୀକ୍ଷକ ଶ୍ରେଣୀରେ ଥିବା 24ଟି ଖାଲି ପଦବୀ ସମ୍ବନ୍ଧିତ ବିଭାଗୀୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ପ୍ରତିବାଦୀ-କର୍ମଚାରୀ କେନ୍ଦ୍ର S. ରେ ଉପସ୍ଥିତ ହୋଇଥିଲେ । ବିଭିନ୍ନ କେନ୍ଦ୍ରଗୁଡ଼ିକରେ ଅସତ ଉପାୟ ଅବଲମ୍ବନ କାରଣରୁ, ସମସ୍ତ କେନ୍ଦ୍ରର ଫଳାଫଳ ବାତିଲ କରାଯାଇଥିଲା । ଏହାପରେ 1998 ମସିହାରେ ସୃଷ୍ଟି ହୋଇଥିବା 86ଟି ପଦବୀ ପାଇଁ ନୂତନ ବିଭାଗୀୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ପ୍ରତିବାଦୀ ପରୀକ୍ଷାରେ ଉପସ୍ଥିତ ହୋଇନଥିଲେ ଏବଂ 1998 ରେ ବାହାରିଥିବା ଖାଲି ପଦବୀ ସମ୍ବନ୍ଧିତ 1995 ରେ ଅନୁଷ୍ଠିତ ବିଭାଗୀୟ ପରୀକ୍ଷାରେ ତାଙ୍କ ଦ୍ୱାରା ପ୍ରାପ୍ତ ଅଙ୍କ ଆଧାରରେ ଉପ-ନିରୀକ୍ଷକ ପଦବୀକୁ ପଦୋନ୍ନତି ପାଇଁ ରିଟ୍ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ଏହି ଆଶ୍ୱସ୍ତି ପ୍ରଦାନ କରିଥିଲେ । ସୁତରାଂ ବର୍ତ୍ତମାନର ଆବେଦନଟି ।**

**ଆବେଦନକୁ ଅନୁମତି ଦେଇ, ନ୍ୟାୟାଳୟ**

**କହିଲେ: ରିଟ୍ ଆବେଦନରେ ଫଳାଫଳ ବାତିଲକୁ ନେଇ କୌଣସି ଆପତ୍ତି ନଥିଲା । ବାସ୍ତବରେ, ଉଚ୍ଚ ନ୍ୟାୟାଳୟ ସ୍ୱୟଂ ଉଲ୍ଲେଖ କରିଥିଲେ ଯେ ଜଣେମାତ୍ର ବ୍ୟକ୍ତିଙ୍କର ଆପତ୍ତି ଆଧାରରେ ପରୀକ୍ଷା ସମ୍ପୂର୍ଣ୍ଣ ରୂପେ ବାତିଲ ହେବ କି ନାହିଁ, ଏହି ପ୍ରଶ୍ନକୁ ବିଚାର କରାଯାଇନଥିଲା, ତଥାପି ଏହା ପ୍ରତିବାଦୀ-କର୍ମଚାରୀଙ୍କୁ ସ୍ପଷ୍ଟ ଭାବରେ ଅପୋଷଣୀୟ ନିର୍ଦ୍ଦେଶ ଦେଇ ଆଶ୍ୱସ୍ତି ପ୍ରଦାନ କରିଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ମତ ଯେ ଯଦି ଗୋଟିଏ କେନ୍ଦ୍ରରେ ଅସତ ଉପାୟ ଅବଲମ୍ବନ କରାଯାଏ, ତେବେ ଅନ୍ୟ କେନ୍ଦ୍ରଗୁଡ଼ିକର ଫଳାଫଳ ବାତିଲ ହେବା ଉଚିତ୍ ନୁହେଁ, ଏହା**

**ସମ୍ପୂର୍ଣ୍ଣ ଅରକ୍ଷଣୀୟ । କର୍ମଚାରୀ ତଦନ୍ତ ନ୍ୟାୟାଳୟ ଏକ ଅନୁସିଦ୍ଧାନ୍ତ ଲିପିବଦ୍ଧ କରିଥିଲେ ଯେ ସେଣ୍ଟର J ରେ ପରୀକ୍ଷା ପରିଚାଳନାରେ ଗୁରୁତର ଅନିୟମିତତା ହୋଇଥିଲା ଏବଂ ଅନ୍ୟ କେନ୍ଦ୍ରଗୁଡ଼ିକରେ ବ୍ୟାପକ ସ୍ତରରେ ଅସତ ଉପାୟ ଅବଲମ୍ବନ କରାଯାଇଥିଲା ଏବଂ ଏଥିଯୋଗୁଁ ପରୀକ୍ଷା ବାତିଲ କରିବାକୁ ନିର୍ଣ୍ଣୟ ନିଆଯାଇଥିଲା । ଯେତେବେଳେ 1995 ପରୀକ୍ଷାର ଫଳାଫଳ ବାତିଲ ହୋଇଛି, ସେତେବେଳେ ଉକ୍ତ ପରୀକ୍ଷାରେ ତାଙ୍କ ଦ୍ୱାରା ପ୍ରାପ୍ତ ଅଙ୍କ ଆଧାରରେ ପ୍ରତିବାଦୀ-କର୍ମଚାରୀଙ୍କ ମାମଲା ବିଚାର କରାଯିବାର ପ୍ରଶ୍ନ ଉଠୁନାହିଁ । ସାମୂହିକ ଅସଦାଚାରଣ ମାମଲା ଉପରେ ବିଚାର କଲାବେଳେ ବ୍ୟକ୍ତିର ମାମଲା ବିଚାର କରିବାର କୌଣସି ସୁଯୋଗ ନାହିଁ । ପୁନଶ୍ଚ, ପ୍ରତିବାଦୀଙ୍କ ଦ୍ୱାରା ନିଆଯାଇଥିବା ପରୀକ୍ଷା ପରେ ବାହାରିଥିବା 86 ଟି ଖାଲି ପଦବୀ ସମ୍ବନ୍ଧିତ ବିଚାର କରାଯିବ ବୋଲି ନିର୍ଦ୍ଦେଶ ସମରୂପେ ଅରକ୍ଷଣୀୟ କାରଣ ପ୍ରତିବାଦୀ 1998 ରେ ଅନୁଷ୍ଠିତ ବିଭାଗୀୟ ପରୀକ୍ଷାରେ ଉପସ୍ଥିତ ହୋଇନଥିଲେ । ତେଣୁ, ପ୍ରତିବାଦୀ-କର୍ମଚାରୀଙ୍କୁ ଦିଆଯାଇଥିବା ଆଶ୍ୱସ୍ତି ପୋଷଣୀୟ ନୁହେଁ ।**

*ବିହାର ଶିକ୍ଷା ବୋର୍ଡ ବନାମ ସୁଭାଷ ଚନ୍ଦ୍ର ସିହ୍ନା ଏବଂ ଅନ୍ୟମାନେ,* ଏଆଇଆର (1970) ଏସସି 1269; *କ୍ରିଷ୍ଣ ଯାଦବ ଏବଂ ଅନ୍ୟମାନେ ବନାମ ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ,* ଏଆଇଆର (1994) ଏସସି 2166*; ପି. ଏ. ରତ୍ନାକର ରାଓ ଏବଂ ଅନ୍ୟମାନେ* ବନାମ *ଆନ୍ଧ୍ର ପ୍ରଦେଶ ସରକାର ଏବଂ ଅନ୍ୟମାନେ,* ଏଆଇଆର (1996) ଏସସି 2523; *କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ଅନ୍ୟମାନେ* ବନାମ *ଅଜୟ କୁମାର ଦାସ ଏବଂ ଅନ୍ୟମାନେ,* [2002] 4 ଏସସିସି 503 *ଏବଂ ଭାରତ ସଂଘ ଏବଂ ଅନ୍ୟମାନେ* ବନାମ *ଓ. ଚକ୍ରଧର,* ଏଆଇଆର (2002) ଏସସି 1119,  ଉପରେ ନିର୍ଭର କରାଯାଇଥିଲା ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା  23/1999

ସି.ଡବ୍ଲ୍ୟୁ.ପି. ସଂଖ୍ୟା 14,625/1997 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ତା 5.5.98 ରିଖର ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ପକ୍ଷରୁ ଅନୁବ୍ରତ ଶର୍ମା, ସୁଶ୍ରୀ ସୁଷମା ସୁରୀ ଏବଂ ପି. ପରମେଶ୍ୱରନ ।

ପ୍ରତିବାଦୀମାନଙ୍କ ପାଇଁ ଗୁଡୱିଲ୍ ଇନ୍ଦିବର (ଏନପି) ।

ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ,

**ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତି ।** ଗୃହ ମନ୍ତ୍ରାଳୟର ସଚିବ ଏବଂ ସଂଘର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାମାନଙ୍କ ମାଧ୍ୟମରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ଏକ ଦୁଇ ଜଣିଆ ଖଣ୍ଡପୀଠ ଦ୍ୱାରା ଦିଆଯାଇଥିବା ରାୟର ସଠିକତା ଉପରେ ଭାରତ ସଂଘ ପ୍ରଶ୍ନ ଉଠାଇଛି ଯେ ପ୍ରତିପକ୍ଷ (ଏଠାରେ 'କର୍ମଚାରୀ' ଭାବରେ ଉଲ୍ଲେଖ କରାଯାଇଛି) 1998 ରେ ବାହାରିଥିବା ଖାଲି ପଦବୀ ପାଇଁ 24 ଏବଂ 25 ଜୁଲାଇ, 1995 ରେ ଅନୁଷ୍ଠିତ ବିଭାଗୀୟ ପରୀକ୍ଷାରେ ତାଙ୍କ ଦ୍ୱାରା ପ୍ରାପ୍ତ ଅଙ୍କ ଆଧାରରେ ଉପ ନିରୀକ୍ଷକ ପଦବୀକୁ ପଦୋନ୍ନତି ପାଇବାକୁ ହକଦାର ଥିଲେ ।

ବାସ୍ତବ ଦିଗ ପ୍ରତି ଏକ ସଂକ୍ଷିପ୍ତ ଉଲ୍ଲେଖ ଯଥେଷ୍ଟ ହେବ:

ସୀମା ସୁରକ୍ଷା ବାହିନୀରେ ଉପ-ନିରୀକ୍ଷକ ପାହ୍ୟାର 25 ପ୍ରତିଶତ ପାହ୍ୟା ସହକାରୀ ଉପ-ନିରୀକ୍ଷକ ମାନଙ୍କ ମଧ୍ୟରୁ ପୂରଣ କରାଯାଇଥାଏ, ଯେଉଁମାନେ ପାଞ୍ଚ ବର୍ଷରୁ କମ୍ ସମୟ ପର୍ଯ୍ୟନ୍ତ ନିୟମିତ ଭାବେ କାର୍ଯ୍ୟ କରିଛନ୍ତି, ଯଦି ସେମାନେ ଉକ୍ତ ଉଦ୍ଦେଶ୍ୟରେ ସମୟ ସମୟରେ ଆୟୋଜିତ ନିର୍ଦ୍ଧାରିତ ବିଭାଗୀୟ ପରୀକ୍ଷାରେ ସଫଳ ହୋଇଥାନ୍ତି । ଅବଶିଷ୍ଟ ପଦବୀଗୁଡ଼ିକ ପାଇଁ ପଦୋନ୍ନତି ବିଭିନ୍ନ ସମ୍ପର୍କିତ ଉତ୍ସରୁ ଦିଆଯାଏ ଯାହା ସହିତ ବର୍ତ୍ତମାନର ବିବାଦର କୌଣସି ପ୍ରାସଙ୍ଗିକତା ନାହିଁ । ତା 24 ଏବଂ 25 ଜୁଲାଇ 1995 ରିଖରେ ଦେଶର 10 ଟି ଭିନ୍ନ ଭିନ୍ନ କେନ୍ଦ୍ରରେ ବିଭାଗୀୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଉପ-ନିରୀକ୍ଷକ ଶ୍ରେଣୀରେ ଥିବା 24ଟି ପଦବୀ ସମ୍ବନ୍ଧରେ ବିଭାଗୀୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ପ୍ରତିବାଦୀ-କର୍ମଚାରୀ ସିଲିଗୁଡ଼ି (ପଶ୍ଚିମବଙ୍ଗ) କେନ୍ଦ୍ରରେ ଉପସ୍ଥିତ ହୋଇଥିଲେ । ଯଦିଓ ମେ, 1996 ରେ ବିଭାଗୀୟ ପରୀକ୍ଷାର ଫଳାଫଳ ଘୋଷଣା କରାଯାଇଥିଲା, ବିଭିନ୍ନ କେନ୍ଦ୍ରରେ ଏବଂ ବିଶେଷ କରି ଜଲନ୍ଧର କେନ୍ଦ୍ରରେ ମନ୍ଦ ଆଚାରଣ ହୋଇଥିବାର ଅଭିଯୋଗ ମିଳିଥିଲା । ଅଭିଯୋଗ ଥିଲା ଯେ ସେହି କେନ୍ଦ୍ରରୁ ଉପସ୍ଥିତ ହୋଇଥିବା ଅଧିକାଂଶ ପ୍ରାର୍ଥୀ ସଫଳ ହୋଇଥିଲେ । ଅଭିଯୋଗକୁ ଧ୍ୟାନରେ ରଖି କର୍ମଚାରୀ ତଦନ୍ତ ନ୍ୟାୟାଳୟଙ୍କ ଦ୍ୱାରା ତଦନ୍ତ କରାଯାଇଥିଲା ଏବଂ ସଫଳ ପ୍ରାର୍ଥୀମାନଙ୍କ ତାଲିକା ବିଭାଗୀୟ ପଦୋନ୍ନତି କମିଟି ସମ୍ମୁଖରେ ରଖିବା ପୂର୍ବରୁ, ଅବଲମ୍ବନ କରାଯାଇଥିବା ଅସତ ଉପାୟ ବିଷୟରେ ସନ୍ତୁଷ୍ଟି ହେବା ପରେ, ଜୁଲାଇ 10, 1997 ର ଆଦେଶ ଅନୁଯାୟୀ ବିଭିନ୍ନ କେନ୍ଦ୍ରରେ ଅନୁଷ୍ଠିତ ସମଗ୍ର ପରୀକ୍ଷା ବାତିଲ କରାଯାଇଥିଲା । 1996 ରେ କୌଣସି ପରୀକ୍ଷା ଅନୁଷ୍ଠିତ ହୋଇନଥିଲା ଏବଂ ବାସ୍ତବରେ, ପରବର୍ତ୍ତୀ ପରୀକ୍ଷା ଯାହା ଡିସେମ୍ବର, 1997 ରେ ଅନୁଷ୍ଠିତ ହେବାର ଥିଲା, ତାହା ଏପ୍ରିଲ, 1998 ରେ ଅନୁଷ୍ଠିତ ହୋଇଥିଲା । ପ୍ରତିବାଦୀ 1998 ର ପରୀକ୍ଷାରେ ଉପସ୍ଥିତ ହୋଇନଥିଲେ । ବିଭାଗୀୟ ପରୀକ୍ଷା ଆଧାରରେ ପଦୋନ୍ନତି ପାଇଁ ନିର୍ଦ୍ଧାରିତ ଅଂଶରେ ଉପ ନିରୀକ୍ଷକ/କିରାଣୀ ଭାବରେ ଯୋଗ୍ୟ ହେବା ତାରିଖ ଠାରୁ ତାଙ୍କୁ ପଦୋନ୍ନତି ଦେବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ଆବେଦନ କରି ପ୍ରତିବାଦୀ-କର୍ମଚାରୀଙ୍କ ଦ୍ୱାରା ରିଟ ଆବେଦନ ଦାଖଲ କରାଯାଇଥିଲା । ପଦୋନ୍ନତି ଚୂଡ଼ାନ୍ତ କରିବା ପାଇଁ ବିଭାଗୀୟ ପଦୋନ୍ନତି କମିଟି ଆୟୋଜନ କରିବାକୁ ସଂଘର କାର୍ଯ୍ୟକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେବା ପାଇଁ ମଧ୍ୟ ପ୍ରାର୍ଥନା କରାଯାଇଥିଲା । ଉଚ୍ଚ ନ୍ୟାୟାଳୟଙ୍କ ମତ ଥିଲା ଯେ ଯଦି ଗୋଟିଏ କେନ୍ଦ୍ରରେ ମନ୍ଦ ଆଚରଣର ଅଭିଯୋଗ ଥାଏ, ତେବେ ସମ୍ପୂର୍ଣ୍ଣ ପରୀକ୍ଷା ବାତିଲ କରାଯିବା ଉଚିତ ନୁହେଁ । ତେବେ ଏହାଙ୍କ ମତ ଥିଲା ଯେ ଯେହେତୁ କେବଳ ଜଣେ ପ୍ରାର୍ଥୀ ବୈଧତା ଉପରେ ପ୍ରଶ୍ନ ଉଠାଇଥିଲେ ଏବଂ ବିଭାଗୀୟ ପରୀକ୍ଷା ଫଳାଫଳକୁ ପ୍ରଭାବ ନ ପକାଇବା ପାଇଁ, ସମସ୍ତ କେନ୍ଦ୍ରର ଫଳାଫଳ ବାତିଲ କରିବା ଯଥାର୍ଥ କି ନାହିଁ ଏହି ପ୍ରଶ୍ନକୁ ବିଚାର କରିବା ଅନାବଶ୍ୟକ । ତେବେ ସେ ଯାହା ହେଉ, ଏହା ରିଟ୍ ଆବେଦନକୁ ଅନୁମତି ଦେଇ କହିଥିଲେ ଯେ ସମସ୍ତ ଇପ୍ସିତ ଉଦ୍ଦେଶ୍ୟରେ ପ୍ରତିବାଦୀ-କର୍ମଚାରୀ ଜୁଲାଇ, 1995 ରେ ଅନୁଷ୍ଠିତ ପରୀକ୍ଷାରେ ତାଙ୍କ ଦ୍ୱାରା ପ୍ରାପ୍ତ ଅଙ୍କ ଆଧାରରେ ବିବେଚିତ ହେବାକୁ ହକଦାର । ଏପ୍ରିଲ 1998 ରେ ଅନୁଷ୍ଠିତ ପରୀକ୍ଷାରେ ମେଧା ତାଲିକା ପ୍ରସ୍ତୁତ କରିବା ସମୟରେ ସେହି ପ୍ରାପ୍ତାଙ୍କଗୁଡ଼ିକୁ ଧ୍ୟାନରେ ରଖିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଉଚ୍ଚ ନ୍ୟାୟାଳୟଙ୍କ ଅନୁଯାୟୀ, ପ୍ରତିବାଦୀ-କର୍ମଚାରୀ 1996 ରେ ଯେଉଁ 86 ଟି ପଦବୀ ପାଇଁ ପରୀକ୍ଷା ଅନୁଷ୍ଠିତ ହୋଇଥିଲା, ସେହି ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ବିବେଚିତ ହେବାକୁ ହକଦାର ଥିଲେ, ଏବଂ ଏହା ଜରୁରୀ

ନୁହେଁ ଯେ ସେ ସେହି 24 ଟି ପଦବୀଗୁଡ଼ିକ ପାଇଁ ବିବେଚିତ ହେବେ ଯେଉଁଗୁଡ଼ିକ ପୂର୍ବ ପରୀକ୍ଷା ଦେବା ସମୟରେ ଉପଲବ୍ଧ ଥିଲା । ଉଚ୍ଚ ନ୍ୟାୟାଳୟଙ୍କର ପରବର୍ତ୍ତୀ ନିର୍ଦ୍ଦେଶ ଥିଲା ଯେ ଯଦି ବିଭାଗୀୟ ପଦୋନ୍ନତି କମିଟି ଦ୍ୱାରା ପ୍ରସ୍ତୁତ ହେବାକୁ ଥିବା ତାଲିକାରେ ପ୍ରତିବାଦୀ-କର୍ମଚାରୀ ପ୍ରଥମ ୫6 ଜଣଙ୍କ ମଧ୍ୟରେ ଆସିଲେ, ଏବଂ ପ୍ରକୃତ ନିଯୁକ୍ତି ସେହି ସଂଖ୍ୟା ପର୍ଯ୍ୟନ୍ତ ହୋଇଥାଏ, ତେବେ ତାଙ୍କୁ ପଦୋନ୍ନତି ଦିଆଯିବ ।

ଆବେଦନକାରୀଙ୍କ ପକ୍ଷର ଶ୍ରୀମାନ ଓକିଲ ଉପସ୍ଥାପନା କରିଥିଲେ ଯେ ଉଚ୍ଚ ନ୍ୟାୟାଳୟର ଆଭିମୁଖ୍ୟ ସ୍ୱଷ୍ଟ ଭାବରେ ଭୁଲ । ଫଳାଫଳ ବାତିଲ ଏବଂ ନୂତନ ବିଭାଗୀୟ ପରୀକ୍ଷା ପାଇଁ ନିର୍ଦ୍ଦେଶ ପ୍ରତି କୌଣସି ଆପତ୍ତି ନଥିଲା । ମନ୍ଦ ଆଚରଣ କ୍ଷେତ୍ରରେ ଜଣେ ବ୍ୟକ୍ତିର ମାମଲାକୁ ପୃଥକ ଭାବରେ ବିଚାର କରିବାର କୌଣସି ପ୍ରଶ୍ନ ନାହିଁ, ଯେପରି ଆଇନରେ ଏକ ସ୍ଥିର ସ୍ଥିତି ଅଟେ । ପୁନଶ୍ଚ ଏପ୍ରିଲ 199୪ ର ପରୀକ୍ଷା ଆଧାରରେ ମେଧା ତାଲିକା ପ୍ରସ୍ତୁତ କରିବା ସମୟରେ ଜୁଲାଇ 1995 ରେ ଅନୁଷ୍ଠିତ ପରୀକ୍ଷାରେ ତାଙ୍କ ଦ୍ୱାରା ପ୍ରାପ୍ତ ଅଙ୍କ ଆଧାରରେ ପ୍ରତିବାଦୀ-କର୍ମଚାରୀଙ୍କୁ ମେଧା ତାଲିକାରେ ସ୍ଥାନିତ କରିବାର ନିର୍ଦ୍ଦେଶ ଆଇନଗତ ଭାବେ ଗ୍ରହଣୀୟ ନୁହେଁ ।

ମାମଲା ବିଚାରକୁ ନେବା ସମୟରେ ପ୍ରତିବାଦୀଙ୍କ ତରଫରୁ କୌଣସି ଉପସ୍ଥିତି ନାହିଁ ।

ଆମ୍ଭେ ଦେଖୁଛୁ ଯେ ଉଚ୍ଚ ନ୍ୟାୟାଳୟଙ୍କ ଆଭିମୁଖ୍ୟ ସ୍ୱଷ୍ଟ ଭାବରେ ଅରକ୍ଷଣୀୟ । ରିଟ୍ ଆବେଦନରେ ଫଳାଫଳ ବାତିଲ କରିବା ପ୍ରତି କୌଣସି ଆପତ୍ତି ନଥିଲା । ବାସ୍ତବରେ, ଉଚ୍ଚ ନ୍ୟାୟାଳୟ ସ୍ୱୟଂ ଉଲ୍ଲେଖ କରିଥିଲେ ଯେ ଜଣେ ବ୍ୟକ୍ତିର ଆପତ୍ତି ଆଧାରରେ ପରୀକ୍ଷା ସମ୍ପୂର୍ଣ୍ଣ ରୂପେ ବାତିଲ ହେବ କି ନାହିଁ ଏହି ପ୍ରଶ୍ନକୁ ବିଚାର କରାଯାଇନାହିଁ । ତଥାପି ଏହା ପ୍ରତିବାଦୀ-କର୍ମଚାରୀଙ୍କୁ ସ୍ୱଷ୍ଟ ଭାବରେ ଅପୋଷଣୀୟ ନିର୍ଦ୍ଦେଶ ସହିତ ଆଶ୍ୱସ୍ତି ପ୍ରଦାନ କରିଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ମତ ଏହିକି ଯେ ଯଦି ଗୋଟିଏ କେନ୍ଦ୍ରରେ ଅସତ୍ ଉପାୟ ଅବଲମ୍ବନ କରାଯାଏ, ତେବେ ଅନ୍ୟ କେନ୍ଦ୍ରର ଫଳାଫଳକୁ ବାତିଲ କରାଯିବା ଉଚିତ୍ ନୁହେଁ । ଏହି ମତ ସମ୍ପୂର୍ଣ୍ଣ ଭାବେ ସମର୍ଥନଯୋଗ୍ୟ ନୁହେଁ । କର୍ମଚାରୀ ତଦନ୍ତ ନ୍ୟାୟାଳୟ ଏକ ଅନୁସିଦ୍ଧାନ୍ତ ଲିପିବଦ୍ଧ କରିଥିଲେ ଯେ ଜଲନ୍ଧର କେନ୍ଦ୍ରରେ ପରୀକ୍ଷା ପରିଚାଳନାରେ ଗୁରୁତର ଅନିୟମିତତା ହୋଇଥିଲା ଏବଂ ବ୍ୟାପକ ସ୍ତରରେ ଅସତ୍ ଉପାୟ ଅବଲମ୍ବନ କରାଯାଇଥିଲା । ପ୍ରଶ୍ନପତ୍ର ପ୍ରଘଟ ହୋଇଥିଲା ଏବଂ ଯୋଗାଯୋଗର ନମୁନା ମାଧ୍ୟମମାନଙ୍କ ଜରିଆରେ ଅନ୍ୟ କେନ୍ଦ୍ରଗୁଡ଼ିକରେ ପ୍ରାର୍ଥୀମାନଙ୍କୁ ଏହାକୁ ପହଁଞ୍ଚାଇବାର ସମ୍ଭାବନକୁ ଅଗ୍ରାହ୍ୟ କରାଯାଇପାରିନଥିଲା । ଏହି ସମସ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖି ପରୀକ୍ଷା ବାତିଲ କରିବାକୁ ନିର୍ଣ୍ଣୟ ନିଆଯାଇଥିଲା । ଯେତେବେଳେ 1995 ପରୀକ୍ଷାର ଫଳାଫଳ ବାତିଲ ହୋଇଛି, ସେତେବେଳେ ଉକ୍ତ ପରୀକ୍ଷାରେ ତାଙ୍କ ଦ୍ୱାରା ପ୍ରାପ୍ତ ଅଙ୍କ ଆଧାରରେ ପ୍ରତିବାଦୀ-କର୍ମଚାରୀଙ୍କ ମାମଲାକୁ ବିଚାର କରିବାର ପ୍ରଶ୍ନ ଉଠୁନାହିଁ । ଯେ'ପରି ନିଷ୍ପତ୍ତିଗୁଡ଼ିକ ଏକ ଲମ୍ବା ଧାଡ଼ିରେ ସ୍ଥିରୀକୃତ କରାଯାଇଛି, ସାମୂହିକ ମନ୍ଦ ଆଚରଣ ମାମଲା ଉପରେ ବିଚାର କରିବାବେଳେ ଏକକ ବ୍ୟକ୍ତିଙ୍କ ମାମଲା ବିଚାର କରିବାର କୌଣସି ସୁଯୋଗ ନାହିଁ । (*ବିହାର ଶିକ୍ଷା ବୋର୍ଡ* ବନାମ *ସୁଭାଷ ଚନ୍ଦ୍ର ସିହ୍ନା ଏବଂ ଅନ୍ୟମାନେ*, ଏଆଇଆର (1970) ଏସସି 1269, *କ୍ରିଷନ ଯାଦବ ଏବଂ ଅନ୍ୟମାନେ* ବନାମ *ବିହାର ଶିକ୍ଷା ବୋର୍ଡ* ଦେଖନ୍ତୁ । *ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ*, ଏଆଇଆର (1994) ଏସସି 2166, *ପି. ଏ. ରତ୍ନାକର ରାଓ ଏବଂ ଅନ୍ୟମାନେ* ବନାମ *ଆନ୍ଧ୍ର ପ୍ରଦେଶ ସରକାର ଏବଂ ଅନ୍ୟମାନେ*, ଏଆଇଆର (1996) ଏସସି

2523, *କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ଅନ୍ୟମାନେ* ବନାମ *ଅଜୟ କୁମାର ଦାସ ଏବଂ ଅନ୍ୟମାନେ*, [2002] 4 ଏସସିସି 503 ଏବଂ *ଭାରତ ସଂଘ ଏବଂ ଅନ୍ୟମାନେ* ବନାମ *ଓ. ଚକ୍ରଧର,* ଏଆଇଆର (2002) ଏସସି 1119 ।

ଆହୁରି ମଧ୍ୟ ପ୍ରତିବାଦୀ-କର୍ମଚାରୀ ଦେଇଥିବା ପରୀକ୍ଷା ପରେ ବାହାରିଥିବା 86 ଟି ଖାଲି ପଦବୀଗୁଡ଼ିକ ସମ୍ବନ୍ଧରେ ବିଚାର କରାଯିବ ବୋଲି ନିର୍ଦ୍ଦେଶ ସମରୂପେ ଅରକ୍ଷଣୀୟ ଅଟେ । ଉଚ୍ଚ ନ୍ୟାୟାଳୟ ଏହି ଗୁରୁତ୍ୱପୂର୍ଣ୍ଣ ତଥା ପ୍ରାସଙ୍ଗିକ ଦିଗକୁ ଧ୍ୟାନ ଦେବାରେ ବିଫଳ ହୋଇଥିଲେ ଯେ ପ୍ରତିବାଦୀ-କର୍ମଚାରୀ ଏପ୍ରିଲ, 1998 ରେ ଅନୁଷ୍ଠିତ ବିଭାଗୀୟ ପରୀକ୍ଷାରେ ଉପସ୍ଥିତ ହିଁ ହୋଇନଥିଲେ ।

ପରିସ୍ଥିତି ଉପର ମତେ ହେବା ସ୍ଥଳେ, ପ୍ରତିବାଦୀ-କର୍ମଚାରୀଙ୍କୁ ଦିଆଯାଇଥିବା ଆଶ୍ୱସ୍ତି ପୋଷଣୀୟ ନୁହେଁ । ଉଚ୍ଚ ନ୍ୟାୟାଳୟର ଆଦେଶକୁ ବାତିଲ କରାଯାଉଛି ଏବଂ ଆବେଦନ ସଫଳ ହୋଇଛି, କିନ୍ତୁ ଏହି ପରିସ୍ଥିତିରେ ଖର୍ଚ୍ଚ ବିଷୟରେ ବିନା କୌଣସି ଆଦେଶରେ ।

ଏନ.ଜେ.

ଆବେଦନକୁ ମଞ୍ଜୁର କରାଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**